# ଠିକ୍ ଉତ୍ତର ବାଛ

ଆମ ମଣିଷମାନଙ୍କୁ ______________ ପ୍ରାଣୀ ବୋଲି କୁହାଯାଏ। ଆମ ଶରୀରରେ ଥିବା କୋଷ ଗୁଡ଼ିକ ______________। କୋଷ ଭିତରେ ଅନେକ ଗୁଡ଼ିଏ ଅଙ୍ଗିକା ଥାଏ। ସେମାନଙ୍କୁ କେବଳ ______________ ସାହାଯ୍ୟରେ ଦେଖିହେବ। କୋଷ ଭିତରେ ଥିବା ______________ କୁ ଶକ୍ତି କେନ୍ଦ୍ର କୁହାଯାଏ ଏବଂ ତା ଭିତରେ ଥିବା ______________ କୁ ଶକ୍ତିମୁଦ୍ରା କୁହାଯାଏ। ତାର ନିଜସ୍ୱ ଡି.ଏନ୍.ଏ ଓ ରାଇବୋଜୋମ୍ ଥିବାରୁ ତାକୁ ______________ ଅଙ୍ଗିକା ବୋଲି କୁହାଯାଏ। ଉଦ୍ଭିଦମାନଙ୍କ ପାଖରେ ଅନେକ ଗୁଡ଼ିଏ ______________ ନାମକ ଛୋଟ ବଡ଼ ଥଳି ଥାଏ ଏବଂ ଏହା ଉଦ୍ଭିଦ କୋଷର ______________ ନିୟନ୍ତ୍ରଣ କରିଥାଏ। ଆଦିପ୍ରାଣୀମାନଙ୍କରେ ଥିବା ______________ ଜଳ ନିୟନ୍ତ୍ରଣ ଓ ______________ ପାଚନ କ୍ରିୟାରେ ସାହାଯ୍ୟ କରେ। ______________ କୋଷ ଝିଲ୍ଲୀ ନିର୍ମାଣରେ ସାହାଯ୍ୟ କରିଥାଏ ଏବଂ ______________ କୋଷ ଭିତ୍ତି ନିର୍ମାଣରେ ସାହାଯ୍ୟ କରିଥାଏ। ______________ ର ନିର୍ଦ୍ଦେଶରେ **mRNA** ରାଇବୋଜୋମ୍ ସହ ମିଶି ପୁଷ୍ଟିସାର ସଂଶ୍ଲେଷଣ କରେ ଏବଂ ଏଥିରେ ଏମିନୋ ଅମ୍ଳ ବହନ କରିଥିବା ______________ ସାହାଯ୍ୟ କରିଥାଏ। ଶରୀର ଭିତରେ ଯେଉଁ କୋଷଟି କ୍ଷତିଗ୍ରସ୍ତ ବା ରୁଗ୍ଣ ହୋଇଯାଆନ୍ତି, ______________ ଭିତରେ ଥିବା ପାଚକ ଏନ୍‌ଜାଇମ୍ କୋଷରେ ଜୈବିକ ଅଣୁର ପତନ ଘଟାଇଥାଏ। ସେଥିପାଇଁ ତାଙ୍କୁ ______________ ଆଖ୍ୟା ଦିଆଯାଇଛି। ମୃତ କୋଷ ଓ କ୍ଷତ କୋଷକୁ ଏହା ଛୋଟ ଛୋଟ କରି ନଷ୍ଟ କରୁଥିବାରୁ ତାକୁ ______________ କୁହାଯାଏ। ଉଦ୍ଭିଦ କୋଷରେ ______________ କୁ ରନ୍ଧନଶାଳା କୁହାଯାଏ। କୋଷ ଭିତରେ ଥିବା ଗୋଲାକାର ଅଂଶକୁ ______________ କୁହାଯାଏ ଏବଂ ସେଠାରେ ଥିବା ______________ ରାଇବୋଜୋମ୍ ତିଆରି କରିଥାଏ। ସେଠାରେ ଥିବା ସୂତାଭଳି ଅଂଶକୁ ______________ କୁହାଯାଏ। ______________ କୋଷଠାରେ ଦ୍ୱିଗୁଣିତ କ୍ରୋମୋଜୋମ୍ ସଂଖ୍ୟା ଥିବା ବେଳେ ______________ କୋଷଠାରେ ଏକଗୁଣ କ୍ରୋମୋଜୋମ୍ ସଂଖ୍ୟା ଥାଏ।